# NATIONAL NEWS BULLETIN (ODIA)

**9 July- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ପଞ୍ଚ ରାଷ୍ଟ୍ରୀୟ ଗସ୍ତର ଶେଷ ପର୍ଯ୍ୟାୟରେ ନାମିବିୟାରେ ପହଁଞ୍ଚିଲେ ପ୍ରଧାନମନ୍ତ୍ରୀ

– ଉଇଣ୍ଡହୋକ୍ ବିମାନ ବନ୍ଦରରେ ପ୍ରଧାନମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ

- ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟରେ ଭାରତୀୟ ଜ୍ଞାନ ପ୍ରଣାଳୀ ଉପରେ ଆଧାରିତ ପ୍ରଥମ ବାର୍ଷିକ ସମ୍ମିଳନୀକୁ ଆସନ୍ତାକାଲି ଉଦ୍‌ଘାଟନ କରିବେ ଉପରାଷ୍ଟ୍ରପତି

- ଗୁଜୁରାଟର ପାଦରା ନିକଟରେ ଏକ ପୋଲ ଭୁଶୁଡ଼ି ପଡ଼ିବାରୁ ୯ ଜଣଙ୍କର ମୃତ୍ୟୁ; ଗଭୀର ଶୋକ ପ୍ରକାଶ କଲେ ପ୍ରଧାନମନ୍ତ୍ରୀ

- ତହୱୁର ରାଣାର ବିଚାର ବିଭାଗୀୟ ହାଜତ ମିଆଦ ବୃଦ୍ଧି

ଏବଂ

- ଜାକର୍ତ୍ତାଠାରେ ଆସନ୍ତା ଅକ୍ଟୋବର ୧୯ରୁ ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ୨୦୨୫ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ ବିଶ୍ୱ ଚମ୍ପିଆନସିପ୍ ପ୍ରତିଯୋଗିତା

# ପିଏମ୍-ବ୍ରାଜିଲ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚାରି ଦିନିଆ ବ୍ରାଜିଲ ଗସ୍ତ ସଫଳତାର ସହ ଶେଷ କରିଛନ୍ତି। ଦକ୍ଷିଣ ବିଶ୍ୱ ସହ ସମ୍ପର୍କ ବୃଦ୍ଧି ଏବଂ ବ୍ରାଜିଲ ସହ ଦ୍ୱିପାକ୍ଷିକ ସହଭାଗିତାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟ କରି ଶ୍ରୀ ମୋଦୀ' ବ୍ରାଜିଲ ରାଷ୍ଟ୍ରପତି  ଲୁଇସ୍ ଇନାସିଓ ଲୁଲା ଦା ସିଲ୍ଭାଙ୍କ ସହ ଆଲୋଚନା କରିଛନ୍ତି। ଏ ସମ୍ପର୍କରେ ଏକ ରିପୋର୍ଟ...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷିଣ ବିଶ୍ୱ ପାଇଁ ବୈଶ୍ୱିକ ସ୍ତରରେ ସ୍ଥାନ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଅନ୍ତର୍ଜାତୀୟ ପ୍ରତିଷ୍ଠାନଗୁଡ଼ିକରେ ସଂସ୍କାରର ଆବଶ୍ୟକତା ଉପରେ ସେ ନିଜର ମତ ସ୍ପଷ୍ଟ କରିଛନ୍ତି। ଏହି ପ୍ରତିଷ୍ଠାନଗୁଡ଼ିକର ଶାସନ ଢାଞ୍ଚାରେ ପରିବର୍ତ୍ତନ, ଭୋଟଦାନ ଅଧିକାର ଏବଂ ନେତୃତ୍ୱରେ ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ସମାନ ଅଧିକାର ପ୍ରଦାନ ଉପରେ ଶ୍ରୀ ମୋଦୀ ଗୁରୁତ୍ୱ ଦେଇଛନ୍ତି। ନୀତିନିର୍ଦ୍ଧାରଣ କ୍ଷେତ୍ରରେ ଦକ୍ଷିଣ ବିଶ୍ୱକୁ ଉଚ୍ଚ ପ୍ରାଥମିକତା ପ୍ରଦାନ କରିବାକୁ ସେ ଅନୁରୋଧ କରିଛନ୍ତି। ବିକାଶ, ସମ୍ବଳ ବଣ୍ଟନ ଏବଂ ସୁରକ୍ଷା ସମ୍ବନ୍ଧୀୟ ପ୍ରସଙ୍ଗ ଗୁଡ଼ିକରେ ଦକ୍ଷିଣ ବିଶ୍ୱ ଦ୍ୱୈତ ମାନଦଣ୍ଡର ସମ୍ମୁଖୀନ ହୋଇଥାଏ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ବୈଶ୍ୱିକ କ୍ଷେତ୍ରରେ ଏହି ଅଞ୍ଚଳର ସ୍ୱାର୍ଥକୁ ଉପଯୁକ୍ତ ଗୁରୁତ୍ୱ ପ୍ରଦାନ କରାଯାଇନାହିଁ। ବିଶ୍ୱ ଅର୍ଥନୀତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା ଅନେକ ଦେଶକୁ ନିଷ୍ପତ୍ତି ଗ୍ରହଣ ସମୟରେ ସାମିଲ କରାଯାଇନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ବ୍ରାଜିଲର ରିଓ ଡି' ଜେନେରିଓଠାରେ ବ୍ରିକ୍ସ ଶିଖର ସମ୍ମିଳନୀ ଅବସରରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଆତଙ୍କାବଦ ବିରୁଦ୍ଧରେ ଭାରତର ପଦକ୍ଷେପକୁ ସମର୍ଥନ ଜ୍ଞାପନ କରିଛନ୍ତି। ସୀମାପାର ଆତଙ୍କବାଦ, ସେଥିପାଇଁ ପାଣ୍ଠି ବିନିଯୋଗ ଏବଂ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ନିରାପଦ ଆଶ୍ରୟ ପ୍ରଦାନକୁ ଏହି ସମ୍ମିଳନୀରେ ନିନ୍ଦା କରାଯାଇଛି। ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତାକୁ ସୁନିଶ୍ଚିତ କରିବା ଏବଂ ଏହାର ମୁକାବିଲାରେ ଦ୍ୱୈତ ମାନଦଣ୍ଡକୁ ପ୍ରଧାନମନ୍ତ୍ରୀ ପ୍ରତ୍ୟାଖ୍ୟାନ କରିଛନ୍ତି। ଭାରତୀୟ ଯୁବବର୍ଗ ପ୍ରକୃତି ପ୍ରତି ଶ୍ରଦ୍ଧା ଅର୍ପଣ କରନ୍ତି ବୋଲି 'ପ୍ରଧାନମନ୍ତ୍ରୀ ପରିବେଶ, ସିଓପି-୩୦ ଏବଂ ବିଶ୍ୱ ସ୍ୱାସ୍ଥ୍ୟ' ଶୀର୍ଷକ ଅଧିବେଶନରେ ମତବ୍ୟକ୍ତ କରିଛନ୍ତି। ଆସନ୍ତା ବର୍ଷ ଭାରତର ସଭାପତିତ୍ୱରେ ଆୟୋଜିତ ହେବାକୁ ଥିବା ବ୍ରିକ୍ସ ଶିଖର ସମ୍ମିଳନୀରେ ସହଯୋଗ ଏବଂ ସ୍ଥାୟିତ୍ୱ ପାଇଁ ସ୍ଥିରତା ଏବଂ ନବସୃଜନ ଉପରେ ପ୍ରାଧାନ୍ୟ ପ୍ରଦାନ କରାଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ବ୍ରାସିଲିଆଠାରେ ବ୍ରାଜିଲ ରାଷ୍ଟ୍ରପତି ଶ୍ରୀ ସିଲ୍‌ଭାଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ପ୍ରଧାନମନ୍ତ୍ରୀ ଆଲୋଚନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ତିନୋଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ମୁଁ ମଳୟ ରଞ୍ଜନ ମିଶ୍ର

## ଜେଏନ୍‌ୟୁ କନଫରେନ୍ସ

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆସନ୍ତାକାଲି ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟରେ ଭାରତୀୟ ଜ୍ଞାନ ପ୍ରଣାଳୀ ଉପରେ ଆଧାରିତ ପ୍ରଥମ ବାର୍ଷିକ ସମ୍ମିଳନୀକୁ ଉଦ୍‌ଘାଟନ କରିବେ। ଏହି ତିନିଦିନିଆ

ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ଜେଏନ୍ୟୁ'ର କୁଲପତି ପ୍ରଫେସର ଶାନ୍ତିଶ୍ରୀ ଧୁଲିପୁଡ଼ି ପଣ୍ଡିତ କହିଛନ୍ତି, ଆୟୁଷ ମନ୍ତ୍ରଣାଳୟ ଆନୁକୂଲ୍ୟରେ ଏହି ସମ୍ମିଳନୀ ଆୟୋଜିତ ହେଉଛି। ଭାରତୀୟ ଜ୍ଞାନ ପ୍ରଣାଳୀକୁ ବିଶ୍ୱସ୍ତରରେ ପହଁଞ୍ଚାଇବା ଲକ୍ଷ୍ୟ ନେଇ ଏହି ସମ୍ମିଳନୀର ଆୟୋଜନ କରାଯାଉଛି। ଏଥିରେ ୧୭ଟି ଅଧିବେଶନ ବିଭିନ୍ନ ପ୍ରସଙ୍ଗ ନେଇ ବିଶେଷଜ୍ଞଙ୍କ ଅଭିଭାଷଣ, ପ୍ୟାନେଲ ଆଲୋଚନା ଏବଂ ଗବେଷଣାତ୍ମକ ପ୍ରସଙ୍ଗ ଉପସ୍ଥାପନ କରାଯିବ ବୋଲି ପ୍ରଫେସର ପଣ୍ଡିତ କହିଛନ୍ତି।

# ଗୁଜୁରାଟ– ବ୍ରିଜ୍ କୋଲାପ୍ସ

ଗୁଜୁରାଟ ବଦୋଦରା ଜିଲ୍ଲାର ପାଦରା ନିକଟରେ ଆଜି ସକାଳେ ଏକ ପୋଲ ଭୁଶୁଡ଼ି ପଡ଼ିବା ଘଟଣାରେ ୯ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନେକ ଆହତ ହୋଇଥିବା ଜଣାପଡ଼ିଛି। ଆନନ୍ଦ ଏବଂ ବଦୋଦରା ଜିଲ୍ଲାକୁ ସଂଯୋଗ କରୁଥିବା ଗମ୍ଭୀରା ବ୍ରିଜ୍‌ର ଏକ ଅଂଶ ଭୁଶୁଡ଼ିବା ଫଳରେ ପାଞ୍ଚଟି ଗାଡ଼ି ମହିସାଗର ନଦୀକୁ ଖସିପଡ଼ିଥିଲା। ବଦୋଦରା ଜିଲ୍ଲା ପ୍ରଶାସନ ସହ ସ୍ଥାନୀୟ ଅଧିକାରୀମାନେ ଉଦ୍ଧାର କାର୍ଯ୍ୟରେ ସହାୟତା କରିଥିଲେ। ଆନନ୍ଦରୁ ତିନୋଟି ଅଗ୍ନିଶମ ଦଳ, ସ୍ଥାନୀୟ ଲୋକ ଏବଂ ସନ୍ତରଣକାରୀ ଏହି ଉଦ୍ଧାର କାର୍ଯ୍ୟରେ ନିୟୋଜିତ ରହିଥିବା ଆରକ୍ଷୀ ଅଧୀକ୍ଷକ ରୋହନ ଆନନ୍ଦ କହିଛନ୍ତି....

V/O– G-20-SP -VADODRA

ବଦୋଦରା ଜିଲ୍ଲାପାଳ ଅନୀଲ ଧାମେଲିଆ କହିଛନ୍ତି, ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ–

ଏନ୍.ଡି.ଆର୍.ଏଫ୍.ର ଏକ ଦଳ ବିଶେଷ ଉପକରଣ ସହ ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ନଦୀରେ ଖସିପଡ଼ିଥିବା ବାହାନଗୁଡ଼ିକୁ ବାହାର କରାଯାଇଛି। ଗୁଜୁରାଟ ସରକାର ପୋଲ ଭୁଶୁଡ଼ିବା ଘଟଣାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ବିଶେଷଜ୍ଞ ଦଳକୁ ଘଟଣାସ୍ଥଳକୁ ପଠାଇଛନ୍ତି। ପୋଲ ଭୁଶୁଡ଼ିବା ଘଟଣାର ତଦନ୍ତ ଜାରି ରହିଛି।

## ପ୍ରଧାନମନ୍ତ୍ରୀ– ସହାୟତା ରାଶି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜୁରାଟ ବଦୋଦରା ଜିଲ୍ଲାରେ ହୋଇଥିବା ବ୍ରିଜ୍ ଭୁଶୁଡ଼ିବା ଘଟଣାରେ ଗଭୀର ଶୋକପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇବା ସହ ଆହତଙ୍କ ଆଶୁଆରୋଗ୍ୟ କାମନା କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିରୁ ମୃତକଙ୍କ ପରିବାରଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଏବଂ ଆହତଙ୍କୁ ୫୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବ।

## ବିହାର ବନ୍ଦ

ବିହାରରେ କଂଗ୍ରେସ ନେତୃତ୍ୱାଧୀନ ରାଜନୈତିକ ସଂଗଠନର ଆର୍‌ଜେଡି ପକ୍ଷରୁ ଦିଆଯାଇଥିବା ବିହାର ବନ୍ଦ ଏବଂ ଚକାଜାମ ଡାକରାର ମିଶ୍ରିତ ପ୍ରତିକ୍ରିୟା ଦେଖିବାକୁ ମିଳିଛି। ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ବିରୋଧରେ ଆର୍.ଜେ.ଡି., କଂଗ୍ରେସ, ବିକାଶଶୀଳ ଇନସାନ୍ ପାର୍ଟି–ଭି.ଆଇ.ପି. ଏବଂ ବାମ ଦଳ ପକ୍ଷରୁ ରାଜ୍ୟବ୍ୟାପୀ ବନ୍ଦ ଡାକରା ଦିଆଯାଇଛି। ପ୍ରଦର୍ଶନକାରୀମାନେ ରାସ୍ତା ଅବରୋଧ କରିଛନ୍ତି। ଏଥିସହ ଅନେକ ସ୍ଥାନରେ ଟ୍ରେନ୍ ସେବା ମଧ୍ୟ

ବାଧାପ୍ରାପ୍ତ ହୋଇଛି । ତେବେ ସରକାରୀ ଏବଂ ଅନ୍ୟାନ୍ୟ ସଂସ୍ଥାଗୁଡ଼ିକର କାର୍ଯ୍ୟ ସ୍ୱାଭାବିକ ଭାବେ ଚାଲିଥିବା ଜଣାପଡ଼ିଛି । ଭାରତୀୟ ଜନତା ପାର୍ଟି–ବିଜେପି ଏହି ଆନ୍ଦୋଳନକୁ ସାମ୍ବିଧାନିକ ସଂସ୍ଥାଗୁଡ଼ିକ ପ୍ରତି ଅପମାନ ବୋଲି ଅଭିଯୋଗ ଆଣିଛି । ଦଳର ସାମାଜିକ ଗଣମାଧ୍ୟମ ଦାୟିତ୍ୱରେ ଥିବା ଦାନିସ ଇକ୍‌ବାଲ କହିଛନ୍ତି, ବନ୍ଦ ଯୋଗୁଁ ସାଧାରଣ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେ କହିଛନ୍ତି, ନିର୍ବାଚନ ଆୟୋଗଙ୍କ ଦ୍ୱାରା ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଜାରି ରହିଛି ।

## ଡବ୍ଲ୍ୟୁବି– ବନ୍ଦ

ପଶ୍ଚିମବଙ୍ଗରେ ବିଭିନ୍ନ ଟ୍ରେନ୍ ୟୁନିଅନ୍ ଏବଂ ଶ୍ରମିକ ମହାସଂଘର ସମର୍ଥକମାନେ ଭାରତ ବନ୍ଦ ଆହ୍ୱାନ ଦେଇଛନ୍ତି ।  ଗତ ବର୍ଷ କେନ୍ଦ୍ର ଶ୍ରମ ମନ୍ତ୍ରୀ ମନସୁଖ ମାଣ୍ଡବୀୟଙ୍କୁ ପ୍ରଦାନ କରାଯାଇଥିବା ୧୭ ସୂତ୍ରୀ ଦାବିପତ୍ର ପାଇଁ ସମର୍ଥକମାନେ ପିକେଟିଂ ଓ ଶୋଭାଯାତ୍ରା କରିଛନ୍ତି । କୋଲକାତା ସମେତ ବିଭିନ୍ନ ଜିଲ୍ଲାରେ ସରକାରୀ ବସ୍‌ଗୁଡ଼ିକ ଚଳାଚଳ କରୁଥିବା ବେଳେ ଘରୋଇ ବସ୍ ଚଳାଚଳ ଆଜି ବନ୍ଦ ରହିଛି । କେତେକ ସ୍ଥାନରେ ରେଳସେବା ବାଧାପ୍ରାପ୍ତ ହୋଇଥିବା ଖବର ମିଳୁଛି ।

## ରାଣା ଜୁଡିସିଆଲ କଷ୍ଟୋଡି

୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ଘଟଣାର ମାଷ୍ଟର ମାଇଣ୍ଡ ତହଁଯୁର ରାଣାଙ୍କ ବିଚାର ବିଭାଗୀୟ ହାଜତ ମିଆଦ ବୃଦ୍ଧି କରାଯାଇଛି । ଦିଲ୍ଲୀର ଏକ କୋର୍ଟ ଆସନ୍ତା ମାସ ୧୩ ତାରିଖ ପର୍ଯ୍ୟନ୍ତ ହାଜତ ମିଆଦ ବୃଦ୍ଧି ନେଇ ଆଜି ନିର୍ଦ୍ଦେଶ ଦେଇଛନ୍ତି । ଜାତୀୟ ତଦନ୍ତକାରୀ ସଂସ୍ଥା–

ଏନ୍.ଆଇ.ଏ. ରାଣାଙ୍କ ବିରୁଦ୍ଧରେ ଆଜି ଏକ ଅତିରିକ୍ତ ଚାର୍ଜସିଟ୍ ଦାଖଲ କରିବା ପରିପ୍ରେକ୍ଷୀରେ କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି।

## ଜିମ୍ନାଷ୍ଟିକ୍

ଇଣ୍ଡୋନେସିଆ ଜାକର୍ତ୍ତାର ସେନାୟନ୍‌ଠାରେ ଆସନ୍ତା ଅକ୍ଟୋବର ୧୯ରୁ ୨୫ ତାରିଖ ପର୍ଯ୍ୟନ୍ତ ୨୦୨୫ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ ବିଶ୍ୱ ଚାମ୍ପିୟନ୍‌ସିପ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରଥମଥର ପାଇଁ ଇଣ୍ଡୋନେସିଆ ତଥା ଦକ୍ଷିଣପୂର୍ବ ଏସୀୟର ଏକ ରାଷ୍ଟ୍ରରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି । ଇଣ୍ଡୋନେସିଆ ଜିମ୍ନାଷ୍ଟିକ୍ ଫେଡେରେସନ୍‌ର ଅଧ୍ୟକ୍ଷ ଇଟା ଉଲିଆତି କହିଛନ୍ତି, ଚାମ୍ପିୟାନ୍‌ସିପ୍‌ର ଏହି ୫୩ତମ ସଂସ୍କରଣରେ ୮୬ଟି ଦେଶର ୬୦୦ରୁ ଅଧିକ ଖେଳାଳି ଅଂଶଗ୍ରହଣ କରିବା ପାଇଁ ପଞ୍ଜିକୃତ ହୋଇଛନ୍ତି ।

ସୂଚନା ଯୋଗ୍ୟ ପୁରୁଷ ଏବଂ ମହିଳା ଉଭୟ ବର୍ଗରେ ଏହି ବିଶ୍ୱ ଚାମ୍ପିୟନ୍‌ସିପ୍ ପ୍ରତିଯୋଗିତା ପ୍ରତିବର୍ଷ ଅନୁଷ୍ଠିତ ହୋଇଥାଏ ।